# Akashvani, Sambalpur

## SAMBALPURI NEWS BULLETIN

### 22 December 2025 – 6.47- 6.52 am.

*********************************************

ଭି.ବି. ଜି. ରାମ୍. ଜି ବିଲ          ପି.ଆଇ.ବି.

ବିକଶିତ୍ ଭାରତ୍ - ନିଶ୍ଚିତ୍ ରୋଜ୍‌ଗାର୍ ଆଜୀବିକା ମିଶନ୍ ଗ୍ରାମୀଣ-ଭି.ବି. ଜି. ରାମ୍. ଜି ବିଲ୍-୨୦୨୫ ଗଲାକାଏଲ୍ ରାଷ୍ଟ୍ରପତିଙ୍କର୍ ଅନୁମୋଦନ୍ ପାଏଲା ଉତ୍‌ରୁ ଆଇନ୍‌ଥି ବଦ୍‌ଲିଛେ । ମହାତ୍ମାଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜ୍‌ନା- ମନରେଗା ଜାଗା ନ ଇ ଆଇନ୍ କାର୍ଯ୍ୟକାରୀ କରାଯାଇଛେ । ଇ ଆଇନ୍ ଜରିଏ  ଫି ଗ୍ରାମୀଣ୍ ପରିବାର୍ ଲାଗି ଆର୍ଥିକ୍ ବଛ୍‌ରେ ମଜୁରୀ ନିଯୁକ୍ତିର୍ ବୈଧାନିକ୍ ଗେରେଂଟିକେ ଶହେ ୨୫ ଦିନ୍‌ତକ୍ ବଢ଼ାଯାଇଛେ । ଇ ବାବ୍‌ଦେ ସମ୍ବଲ୍‌ପୁର୍ ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଳୟର୍ ଉପକୂଳସଚିବ ଆଉ ଅର୍ଥନୀତି ବିଭାଗ୍‌ର ମୁଖ୍ୟ ପ୍ରଫେସର୍ ଉମାଚରଣ୍ ପତି କହିଛନ୍...

(ଭଏସ୍ ଓଭର୍- ଉମାଚରଣ୍ ପତି)

ମୁଖ୍ୟମନ୍ତ୍ରୀ- କୋରାପୁଟ୍ ମହୋତ୍ସବ୍       ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଲାକାଏଲ୍ କୋରାପୁଟ୍ ମହୋତ୍ସବ୍-ପରବ୍ ଥି ଯୋଗ୍ ଦେଇକରି ୫ ଶହ ୪୫ କୋଟି ଟଙ୍କା ୮୬ ଟା ପ୍ରକଳ୍ପର୍ ଉଦ୍‌ଘାଟନ୍ ଆଉ ଭିତିପ୍ରସ୍ତର୍ ଥାପ୍‌ନା କରିଛନ୍ । ସେଥିର୍‌ଭିତ୍‌ରେ ୫ ଶହ ୨୧ କୋଟି ଟଙ୍କାର୍ ୭୦ ଟା ପ୍ରକଳ୍ପର୍ ଭିତିପ୍ରସ୍ତର୍ ଥାପ୍‌ନା କରିଥିଲା ବେଲେ ୨୪ କୋଟି ଟଙ୍କାର୍ ୧୬ ଟା ପ୍ରକଳ୍ପର୍ ଉଦ୍‌ଘାଟନ୍ କରିଛନ୍ । ଇ ପ୍ରକଳ୍ପ ମାନ୍‌କୁ ଜିଲ୍ଲାର୍ ପର୍ଯ୍ୟଟନ୍ ଆଉ ଜଲ୍‌ସେଚନ୍‌କେ ଗୁରୁତ୍ୱ ଦିଆଯାଇଛେ । ଓଡ଼ିଶାର୍ ଦକ୍ଷିଣ  ଭାଗେ ଥିବା ଜିଲ୍ଲାମାନ୍‌କର୍ ସାମାଜିକ୍ ଆଉ ଆର୍ଥିକ୍ ବିକାଶ୍ ଲାଗି ଖୋବ୍ ଜଲ୍‌ଦି ଦକ୍ଷିଣ ଓଡ଼ିଶା ବିକାଶ୍ ପରିଷଦ୍ କାର୍ଯ୍ୟକାରୀ କରାଯିବା ବଲି ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଘୋଷ୍‌ନା କରିଛନ୍ ।

ଚିଟ୍‌ଫଣ୍ଡ୍        ପ୍ରେସ୍ ରିଲିଜ୍

ଚିଟ୍‌ଫଣ୍ଡ୍‌ଥି ନୁକ୍‌ସାନ୍ ସହିଥିବା ସବୁ କ୍ଷୁଦ୍ର ଆବେଦନ୍‌କାରୀଙ୍କୁ ରାଜ୍ୟ ସର୍‌କାର୍ ଅଗ୍ରାଧିକାର୍ ଭିତିଥି ଟଙ୍କା ଫିରଉଛନ୍ । ଇତାର୍ ସୁଯୋଗ୍ ନେବାର୍ ଲାଗି ସବୁ କ୍ଷୁଦ୍ର ଆବେଦନ୍‌କାରୀଙ୍କୁ ରାଜ୍ୟ ଅର୍ଥ ବିଭାଗ୍ ତର୍‌ଫୁ ଅନୁରୋଧ୍ କରାଯାଇଛେ । ତଦନ୍ତ ଆୟୋଗ୍ ସୁପାରିଶ୍ କରିଥିବା ଆଉ ଟଙ୍କା ଫିରି ନାଇଁ ପାଇଥିବା ସବୁ କ୍ଷୁଦ୍ର ଜମାକାରୀମାନେ ତାଙ୍କର୍ ଟଙ୍କା ଫିରିପାଏବେ । ଜମାକାରୀମାନେ ଦର୍‌କାରୀ ଦସ୍ତାବିଜ୍ ସହେତେ ପାଖର୍

ରାଜସ୍ୱ ନିରୀକ୍ଷକଙ୍କର୍ ପାଖେ ଯୋଗାଯୋଗ୍ କଲେ ୧୫ ଦିନ୍ ଭିତ୍ରେ ସେମାନ୍କର୍ ଜମା ଟଙ୍କା ଫିରିପାଏବେ ବଲି ଅର୍ଥ ବିଭାଗ୍ ତର୍ଫୁ କୁହାଯାଇଛେ ।

ମେଘନାଦ ପାଚେରୀ ମରାମତି ଆର୍ଏନ୍ୟୁ/ ସମ୍ବଲପୁର

ପୁରୀ ଶ୍ରୀମନ୍ଦିର୍ ମେଘନାଦ ପାଚେରୀ ପଶ୍ଚିମ ଫାଲର୍ ସଂରକ୍ଷଣ୍ ଆଉ ମରାମତି କାମ୍ ମୁଲ୍ ହେଇଛେ । ଭାରତୀୟ ପ୍ରତ୍ନତତ୍ୱ ସଂସ୍ଥା ଏଏସ୍ଆଇ ତର୍ଫୁ ପରିକ୍ରମା ମାର୍ଗ ତିଆର୍ ବେଲ୍କେ ପଶ୍ଚିମ ଦ୍ୱାର ପାଖେ ମେଘନାଦ ପାଚ୍ରୀକେ ଲାଗିକରି ଥିବା ବିଦ୍ୟୁତ୍ କଂଟ୍ରୋଲ୍ ରୁମ୍କେ ଭଙ୍ଗାଯାଇଛେ । ଏଏସ୍ଆଇ ତର୍ଫୁ ମେଘନାଦ୍ ପାଚ୍ରୀଥି ଲାଗିଥିବା ଚୁନ୍ ଆଉ ପ୍ଲାଷ୍ଟର୍କେ ଛଡ଼ାଯିବାର୍ ସହେତେ ପାଚ୍ରୀ ଉପ୍ରେ ରହିଥିବା ଶୌଚାଳୟକେ ଭିଲ୍ ବନ୍ଦ୍ କରାଯାଇଛେ ।

ଇସ୍କନ୍ ରଥଯାତ୍ରା- ପୁରୀ ଗଜପତି ଆର୍ଏନ୍ୟୁ/ ସମ୍ବଲପୁର

ଇସ୍କନ୍ ସଂସ୍ଥାର୍ ଅଦିନିଆ ରଥଯାତ୍ରା ଗୁଟେ ଭୟଙ୍କର୍ ବ୍ୟତିକ୍ରମ ଆଏ ବଲି ପୁରୀ ଗଜପତି ମହାରାଜ୍ ଦିବ୍ୟସିଂହଦେବ କହିଛନ୍ । ପୁରୀ ଶ୍ରୀ ଜଗନ୍ନାଥ୍ ଚେତନା ଗବେଷଣା ପ୍ରତିଷ୍ଠାନ୍ର ସାଧାରଣ ସଭାଥି ଯୋଗ୍

ଦେଇକରି ଗଲାକାଏଲ୍ ଗଜପତି ମହାରାଜ୍ କହିଛନ୍, ଇସ୍କନ୍ ସଂସ୍ଥା ଜଗନ୍ନାଥ୍ ସଂସ୍କୃତି ଆଉ ରଥଯାତ୍ରାକେ ନେଇକରି କରୁଥିବା କାମ୍ ଗୁଟେ ଅପପ୍ରଚାର୍ ଆଏ । ଇତାକେ ନେଇକରି ଧାର୍ମିକ୍ ଆଚାର୍ଯ୍ୟ ଆଉ ଭକ୍ତମାନେ ଚୁପ୍ ରହେଲେ ଇସ୍କନ୍‌ର ମନ୍‌ମାନି ବଢ଼୍‌ବା । ଇସ୍କନ୍‌ର ଅଦିନିଆ ରଥଯାତ୍ରା ଦେଖିକରି ଇହାଦେ ଅଲ୍‌ଗା ଲୁକେ ଭିଲ୍ ଇସବୁ ଜିନିଷ୍ କର୍‌ବାର୍‌କେ ବାହାରୁଛନ୍ । ଇତାକେ ବନ୍ଦ୍ ନାଇଁ କରାଗଲେ ଇ ସବୁ ବ୍ୟତିକ୍ରମ୍ ଗୁଟେ ପରମ୍ପରା ହେଇଯିବା ବଲି ଗଜପତି ମହାରାଜ୍ କହିଛନ୍ ।

ଜାତୀୟ ଗଣିତ ଦିବସ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭାରତ୍‌ର କିମ୍ବଦନ୍ତୀ ଗଣିତଜ୍ଞ ଶ୍ରୀନିବାସ ରାମାନୁଜନ୍ ଙ୍କର୍ ଜନମ୍‌ଦିନ୍‌କେ ସୁର୍‌ତା କରିକରି ଆଏଜ୍ ଜାତୀୟ ଗଣିତ ଦିବସ୍ ପାଲନ୍ କରାଯାଉଛେ । ମୁନ୍‌ଷର ବିକାଶ୍ ଦିଗେ ଗଣିତର୍ ଗୁରୁତ୍ୱକେ ତହଁକାବାର୍ ଦିଗେ ତାଙ୍କର୍ ଅବଦାନ୍‌କେ ସମ୍ମାନ୍ ଜନେଇକରି ୨୦୧୨ ମସିହାନୁ ଫି' ବଛର୍ ଡିସେମ୍ବର୍ ୨୨ ତାରିଖ୍ ଦିନ ଇ ଦିବସ୍ ପାଲନ୍ କରାଯାଇଆସୁଛେ । ଇ ଅବ୍‌ସରେ ଦେଶର୍ ଶିକ୍ଷାନୁଷ୍ଠାନ୍ ମାନ୍‌କେ ଆଏଜ୍ ବହୁତ୍‌ଟେ କାର୍ଯ୍ୟକ୍ରମ୍‌ମାନ୍ ଆୟୋଜନ୍ କରାଯାଉଛେ ।

ସାଂସଦ୍ ଖେଲ୍ ମହୋତ୍ସବ      ଆର୍ଏନ୍ୟୁ/ ସମ୍ବଲପୁର

ବ୍ରଜ୍‌ରାଜ୍‌ନଗର୍ ଓପିଏମ୍ ଖେଲ୍‌ପଡ଼ିଆ ନ ଗଲାକାଏଲ୍ ସାଂସଦ୍ ଖେଲ୍ ମହୋତ୍ସବ୍ ଉଦ୍‌ଘାଟିତ୍ ହେଇଯାଇଛେ । ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ମହୋତ୍ସବ୍‌କେ ଉଦ୍‌ଘାଟନ୍ କରିଥିଲେ । କାର୍ଯ୍ୟକ୍ରମ୍‌ଥି ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ, ବର୍‌ଗଡ଼୍ ସାଂସଦ୍ ପ୍ରଦୀପ୍ ପୁରୋହିତ୍‌ଙ୍କର୍ ସହେତେ ଅଲ୍‌ଗା ଅତିଥି ମାନେ ଉପସ୍ଥିତ୍ ଥିଲେ ।

ଉପମୁଖ୍ୟମନ୍ତ୍ରୀ-ଝାର୍‌ସୁଗୁଡ଼ା      ଆର୍ଏନ୍ୟୁ/ ସମ୍ବଲପୁର

ଝାର୍‌ସୁଗୁଡ଼ା ଜିଲ୍ଲା କୋଲାବିରା ବ୍ଲକ୍ ପୋଖରାସାହ୍ଲେ ଠାନେ ଉପମୁଖ୍ୟମନ୍ତ୍ରୀ ଆଉ ଶକ୍ତିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ୩୩ କେଭିଏ ର ଗୁଟେ ନୂଆଁ ପାୱାର୍ ଷ୍ଟେସନ୍‌କେ ଗଲାକାଏଲ୍ ଉଦ୍‌ଘାଟନ୍ କରିଛନ୍ । ଇଥିର୍ ଜରିଏ ପୋଖରାସାହ୍ଲୋ ଆର୍ ଝିର୍ଲାପାଲି ପଂଚାୟତ୍ ଇଲାକା ନ ବିଦ୍ୟୁତ୍ ସମସ୍ୟା ନାଇଁ ହେବାର୍ ସହେତେ ଲୋକ୍‌ମାନେ ୨୪ ଘଂଟିଆ ବିଦ୍ୟୁତ୍ ସେବା ପାଇପାର୍‌ବେ ବଲି ଉପମୁଖ୍ୟମନ୍ତ୍ରୀ କହିଛନ୍ । ଇ ଅବ୍‌ସରେ ବର୍‌ଗଡ଼୍ ସାଂସଦ୍ ପ୍ରଦୀପ୍ ପୁରୋହିତ୍ ଆଉ ଝାର୍‌ସୁଗୁଡ଼ା ବିଧାୟକ୍ ଟଙ୍କଧର୍ ତ୍ରିପାଠୀ ଭିଲ୍ ଉପସ୍ଥିତ୍ ଥିଲେ ।

ନାଟ୍ୟୋତ୍ସବ୍         ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ତପସ୍ୱିନୀ ପ୍ରେକ୍ଷାଳୟ ନ ଚାଲିଥିବା ନାଟ୍ୟୋତ୍ସବ୍ ଗଲାକାଏଲ୍ ଉଦ୍‌ଯାପିତ୍ ହେଇଯାଇଛେ । ଉଦ୍‌ଯାପନୀ ସଞ୍ଜେ ଗଲାକାଏଲ୍ ସଂଗୀତ୍ କାର୍ଯ୍ୟକ୍ରମ୍ ସ୍ୱନ୍ଦନ୍, ନାଟକ୍- 'କଥା' ଆଉ 'ପ୍ଲଟ୍ ଫର୍ ସେଲ୍' ମଂଚସ୍ଥ ହେଇଥିଲା । ଦୁହି ନାଟକ୍ ଦର୍ଶକ୍‌ମାନ୍‌କର୍ ଖୁବ୍ ମନକେ ଛୁଇଁଥିଲା ।

ପାଣିପାଗ           ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଶୀତ୍ ଲହରୀ ଜାରି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ହପ୍ତେତକ୍ ପାଗ୍ ଏନ୍ତା ରହେବା । ଆଏବା ୨୪ ଘଂଟା ଭିତ୍‌ରେ ଘନାକୁହୁଡ଼ି ହେବାର୍ ନେଇକରି ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ଼୍, କେନ୍ଦୁଝର୍ ଆଉ କନ୍ଧମାଲ୍ ଜିଲ୍ଲାକେ ସତର୍କ ସୂଚ୍‌ନା ଜାରି କରାଯାଇଛେ ।